

ଓଡ଼ିଶା ସରକାର

# ବଜେଟ୍
## ୨୦୧୮-୧୯

# କୃଷି
## ପ୍ରଥମ ଭାଗ


ଶ୍ରୀ ଶଶିଭୂଷଣ ବେହେରା
ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ



୨୩ ମାର୍ଚ୍ଚ, ୨୦୧୮

**ମାନ୍ୟବର ବାଚସ୍ପତି ମହୋଦୟ !**

ମୁଁ ଆଗାମୀ ଆର୍ଥିକ ବର୍ଷ **2018-19** ପାଇଁ **ବଜେଟ୍** ଆଗତ କରିବାକୁ ଯାଉଅଛି ।

**2.** ଓଡିଶାର ଜନସାଧାରଣ ଚାରି ବର୍ଷ ପୂର୍ବେ କ୍ରମାଗତ ଭାବରେ ଚତୁର୍ଥଥର ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରିଥିଲେ । ଆମ ରାଜ୍ୟକୁ ଏକ ସ୍ୱଚ୍ଛ ଓ ପ୍ରଗତିଶୀଳ ସରକାର ଦେବା ତଥା ଦାରିଦ୍ର୍ୟ ଦୂରୀକରଣ, ଖାଦ୍ୟ ନିରାପତ୍ତା, ସର୍ବାଙ୍ଗୀନ ବିକାଶ, ସୁଦକ୍ଷସେବା ପ୍ରଦାନ ଏବଂ କୃଷକ, ଶ୍ରମିକ, ଅନୁସୂଚିତ ଜାତି ଓ ଜନଜାତି, ମହିଳା, ଶିଶୁ, ଯୁବ ଓ ବୟସ୍କ ନାଗରିକବର୍ଗଙ୍କ ସଶକ୍ତିକରଣ ପାଇଁ ଆମେ  ପ୍ରତିଶ୍ରୁତିବଦ୍ଧ । ଆମର କାର୍ଯ୍ୟପଦ୍ଧତି ଓ ଅକ୍ଳାନ୍ତ ପରିଶ୍ରମ ଫଳରେ ଆମେ ଏ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛୁ । ଓଡିଶା ଜଳସେଚନ, ଖାଦ୍ୟଶସ୍ୟ ଉତ୍ପାଦନ ଓ ଉତ୍ପାଦକତା, ଖାଦ୍ୟ ନିରାପତ୍ତା, ସମସ୍ତଙ୍କ ପାଇଁ ପକ୍କା ଘର, ସୁରକ୍ଷିତ ପାନୀୟ ଜଳଯୋଗାଣ, ପରିମଳ, ବିଦ୍ୟୁତ, ରାସ୍ତା ସଂଯୋଗୀକରଣ, ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସେବା, ଜୀବନ ଜୀବିକା ସୁଯୋଗ, ସାମାଜିକ ସୁରକ୍ଷା ଓ ନଗର ଉନ୍ନୟନ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କରିଅଛି । ବର୍ତ୍ତମାନ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ପର୍ଯ୍ୟଟନ, ଶିଳ୍ପ, ସୂଚନା ପ୍ରଯୁକ୍ତି, ସେବା ଉଦ୍ୟୋଗ ଓ ଷ୍ଟାର୍ଟ ଅପ୍ ଆଦି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିପାରିଛି । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ଆମ ରାଜ୍ୟର କ୍ରୀଡା ଭିତ୍ତିଭୂମି ଏବେ ବିଶ୍ୱ

ସ୍ତରୀୟ ହୋଇପାରିଛି ଏବଂ ଆମେ ବିଭିନ୍ନ ଉଚ୍ଚମାନର ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ସଫଳତାର ସହିତ ଆୟୋଜନ କରିବାକୁ ସକ୍ଷମ । ଆମ ରାଜ୍ୟର କ୍ରୀଡାବିତ୍ ମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ବିଶ୍ୱ ସ୍ମାର୍ଟ ସିଟି ତାଲିକାରେ ଏକମାତ୍ର ଭାରତୀୟ ସହର ହିସାବରେ ପ୍ରଥମ କୋଡିଏଟି ସହର ମଧ୍ୟରେ ସ୍ଥାନ ପାଇପାରିଛି । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଥିବା ସତ୍ୱେ ଆମ ରାଜ୍ୟ ଏହି ସବୁ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ସକ୍ଷମ  ହୋଇପାରିଛି । ଓଡିଶା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଦକ୍ଷତା ଅନେକ ଗୁଣରେ ବୃଦ୍ଧି କରିପାରିଛି ଓ **"ଫାଇଲିନ୍"** ର ସଫଳ ମୁକାବିଲା ପାଇଁ ବିଶ୍ୱ ସ୍ତରରେ ମିଳିତ ଜାତିସଙ୍ଘ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି ।

**3.** ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଫଳପ୍ରଦ ବିତ୍ତୀୟ ପରିଚାଳନା, ସ୍ୱଷ୍ଟ ବିକାଶ ଖସଡା ଏବଂ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ସୁଶାସନ ମନ୍ତ୍ର **3T** (**Team Work, Transparency, Technology**); ସଙ୍ଘବଦ୍ଧ କାର୍ଯ୍ୟ, ସ୍ୱଚ୍ଛତା ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆମେ ସେହି ପ୍ରତିବଦ୍ଧତା ସହିତ ଅଗ୍ରସର ହେଉଛୁ ଏବଂ ସେଥିପାଇଁ 2018-19 ଆର୍ଥିକ ବର୍ଷରେ ଏକ ଜନହିତକାରୀ ଏବଂ ବିକାଶନ୍ମୋଖୀ ବଜେଟ୍ ଉପସ୍ଥାପନ କରୁଛୁ । ଏକ ସହଭାଗିତା ପ୍ରକ୍ରିୟା ସ୍ୱରୂପ ଆମେ, ବିଶେଷଜ୍ଞଗଣ ଏବଂ ସମାଜର ବିଭିନ୍ନ

ବର୍ଗର ପ୍ରତିନିଧିମାନଙ୍କ ସହିତ ପ୍ରାକ୍-ବଜେଟ୍ ପରାମର୍ଶ କରିଛୁ । ବିଭିନ୍ନ ପ୍ରସଙ୍ଗ ଉପରେ ଆମେ ଏହି ବର୍ଷ **1930**ଟି ମତାମତ ବିଭିନ୍ନ ମାଧ୍ୟମ ଜରିଆରେ ପାଇଛୁ । ବଜେଟ୍ ପ୍ରସ୍ତୁତି ବେଳେ ଏହିସବୁ ମତାମତକୁ ବିଚାରକୁ ନିଆଯାଇଛି ।

**4.** ବିଗତ ବର୍ଷମାନଙ୍କ ଭଳି 2018-19 ଆର୍ଥିକ ବର୍ଷପାଇଁ ଉପସ୍ଥାପିତ ହୋଇଥିବା ବଜେଟ୍ ଦୁଇଭାଗରେ ବିଭକ୍ତ । ପ୍ରଥମଭାଗ ହେଉଛି କୃଷି ବଜେଟ୍; ଯାହା କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ଓ ତତ୍‌ସମ୍ବନ୍ଧୀୟ ବ୍ୟୟ ଅଟକଳ ଉପରେ ପର୍ଯ୍ୟବେସିତ ହେବା ସହିତ ଏହା ସମଗ୍ର ବଜେଟ ପ୍ରସ୍ତୁତିର ପୃଷ୍ଠଭୂମି ଯଥା ରାଜ୍ୟର ସ୍ଥୁଳ ଅର୍ଥନୈତିକ ଚିତ୍ର ଏବଂ ଅର୍ଥନୈତିକ ଆଭିମୁଖ୍ୟ ଉପରେ ଆଲୋକପାତ କରୁଛି । ଦ୍ୱିତୀୟ ଭାଗ ହେଉଛି ସାଧାରଣ ବଜେଟ୍ ।

## ସ୍ଥୁଳ – ଅର୍ଥନୈତିକ ଦୃଶ୍ୟପଟ୍ଟ (Macro-Economic Outlook)

**5.** 2018 ରେ ବିଶ୍ୱ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିବାର ଆଶା କରାଯାଏ ଏବଂ ଏହା ସାମଗ୍ରୀକଭାବେ ଉନ୍ନତିପଥରେ ଗତିକରୁଛି । ଯଦିଓ ବିଶ୍ୱ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ଅନିଶ୍ଚିତତା ରହିଛି, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (IMF) ଏବଂ ବିଶ୍ୱବ୍ୟାଙ୍କ (World Bank) ବିଶ୍ୱବ୍ୟାପୀ ଉତ୍ପାଦ ବୃଦ୍ଧିହାରରେ ଉନ୍ନତି ଆସିବବୋଲି ଆକଳନ କରିଛନ୍ତି । ଚଳିତ ବର୍ଷ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହାର ସ୍ଥିର ମୂଲ୍ୟ ଅନୁଯାୟୀ 7.14 ପ୍ରତିଶତ ହେବବୋଲି ଆକଳନ କରାଯାଇଛି । ଏହା ଜାତୀୟ ସ୍ତରରେ ଅଭିବୃଦ୍ଧିହାର 6.5 ପ୍ରତିଶତଠାରୁ ଯଥେଷ୍ଟ ଅଧିକ । 2016-17 ଆର୍ଥିକ ବର୍ଷରେ ରାଜ୍ୟ

ଅର୍ଥନୀତିର ଅଭିବୃଦ୍ଧିହାର 10.4 ପ୍ରତିଶତ ଥିଲା । ରାଜ୍ୟ ଅର୍ଥନୀତିରେ ଉଚ୍ଚତର ଅଭିବୃଦ୍ଧି, ନିର୍ମାଣ, ଶକ୍ତି ଏବଂ ସେବାକ୍ଷେତ୍ର ରେ ଉନ୍ନତ ପ୍ରଦର୍ଶନ ଯୋଗୁଁ ସମ୍ଭବ ହୋଇଛି । ବିଶ୍ୱ ଓ ରାଷ୍ଟ୍ରୀୟ ଅର୍ଥନୈତିକ ପରିବେଶ ପରିପ୍ରେକ୍ଷୀରେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧିହାର 2018-19 ଆର୍ଥିକ ବର୍ଷରେ **8 ପ୍ରତିଶତରୁ 8.5 ପ୍ରତିଶତ** ମଧ୍ୟରେ ରହିବବୋଲି ଆଶା କରାଯାଉଛି ।

ଏହି ପରିପ୍ରେକ୍ଷୀରେ ମୁଁ ବର୍ତ୍ତମାନ କୃଷି ବଜେଟ୍ ଉପସ୍ଥାପନ କରୁଅଛି ।

**କୃଷି ବଜେଟ୍ ପୃଷ୍ଠଭୂମି**

**ମାନ୍ୟବର ବାଚସ୍ପତି ମହୋଦୟ !**

**6.** ଯଦିଓ କୃଷି, ପଶୁଧନ ଓ ମତ୍ସ୍ୟସମ୍ପଦ ମିଳିତଭାବେ ସାମଗ୍ରୀକ ଘରୋଇ ଉତ୍ପାଦର 20 ପ୍ରତିଶତରୁ କମ୍, ଏହା ଜନସଂଖ୍ୟାର ପ୍ରାୟ 50 ପ୍ରତିଶତ ଲୋକଙ୍କୁ ନିଯୁକ୍ତି ଏବଂ ଜୀବିକା ଯୋଗାଇଥାଏ । କୃଷି କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଆମ ସରକାରଙ୍କର ମୁଖ୍ୟ ଲକ୍ଷ୍ୟହୋଇ ରହିଆସିଛି । ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଭିନବ ପରାମର୍ଶକ୍ରମେ 2013-14 ଆର୍ଥିକ ବର୍ଷଠାରୁ କୃଷିର ଦ୍ରୁତ ଉନ୍ନତିପାଇଁ ସ୍ୱତନ୍ତ୍ରଭାବେ କୃଷି ବଜେଟ୍ ପ୍ରସ୍ତୁତ ହେଉଛି । ଏହି ଉଦ୍ୟମର ସକରାତ୍ମକ ଫଳ ମିଳିଛି । କୃଷି ଉତ୍ପାଦନ ବୃଦ୍ଧିପାଇଁ ଜାତୀୟ ସ୍ତରରେ ଆମ ରାଜ୍ୟକୁ ସ୍ୱୀକୃତି ମିଳିଛି । ବିଗତ ଛଅ ବର୍ଷ ମଧ୍ୟରେ ଚତୁର୍ଥ ଥରପାଇଁ ଆମ ରାଜ୍ୟ କୃଷିକର୍ମଣ ପୁରସ୍କାର

ପାଇଛି । ଆର୍ଥିକ ବର୍ଷ 2016-17 ରେ ଖାଦ୍ୟ ଶସ୍ୟ ଉତ୍ପାଦନ 117 ଲକ୍ଷ ମେଟ୍ରିକ୍ ଟନରେ ପହଁଞ୍ଚିଛି ।

**7.** 2017-18 ଆର୍ଥିକ ବର୍ଷରେ ମୁଖ୍ୟତଃ ତିନି ଗୋଟି ପ୍ରତିକୂଳ ପ୍ରାକୃତିକ ବିପତ୍ତି ରାଜ୍ୟର ବହୁତ ଗୁଡିଏ ଅଞ୍ଚଳରେ କୃଷି କ୍ଷେତ୍ର ଉପରେ ପ୍ରଭାବ ପକାଇଥିଲା । ଅନାବୃଷ୍ଟି, କୀଟ ଆକ୍ରମଣ ତଥା ଅସାମୟିକ ବୃଷ୍ଟିପାତ ଶସ୍ୟ ହାନି ଘଟାଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ "ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି" ରୁ ସହାୟତା ପ୍ରଦାନ କରିଥିଲେ । ଏଥି ସହ "**ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା**" ରେ କୃଷକମାନଙ୍କ ପ୍ରାପ୍ୟ ବୀମା ରାଶି ମଧ୍ୟ ପ୍ରଦାନ କରାଯିବ । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ "ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା" ପ୍ରିମିୟମରେ ସରକାରଙ୍କ ଅଂଶର ଶତକଡା 50 ଭାଗ ରାଜ୍ୟ ସରକାର ବହନ କରିଥାନ୍ତି ।

**ମାନ୍ୟବର ବାଚସ୍ପତି ମହୋଦୟ !**

**8.** ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷିରେ କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ, ଅନିଶ୍ଚିତତା ଦୂର କରିବା, କୃଷି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା, ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ ଶସ୍ୟ ସଂଗ୍ରହ କରିବା (Procurement) ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।

9. କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ (MSP) ବୃଦ୍ଧି ନିମିତ୍ତ ଏହି ପବିତ୍ର ଗୃହରେ ବିସ୍ତୃତଭାବରେ ବିଚାରବିମର୍ଶ କରାଯାଇଅଛି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହ ଉକ୍ତ ପ୍ରସଙ୍ଗରେ ଗୃହ କମିଟିର ଆଲୋଚନା ପାଇଁ ସମୟ ଧାର୍ଯ୍ୟ ନିମନ୍ତେ ଅନୁରୋଧ କରାଯାଇଛି । ଆମ ସରକାର ବାରମ୍ବାର କୃଷି ଉତ୍ପାଦର ଏମ୍ଏସ୍ପି (MSP) ବୃଦ୍ଧି କରିବାପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରିଆସୁଛନ୍ତି । ଆମ୍ଭେମାନେ ଖୁସି ଯେ, ଭାରତ ସରକାର କେନ୍ଦ୍ର ବଜେଟ୍ 2018-19 ରେ କୃଷି ଉତ୍ପାଦର ଏମ୍ଏସ୍ପି କୃଷି ଉତ୍ପାଦନ ଖର୍ଚ୍ଚର ଦେଢଗୁଣାକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଆମେ କେନ୍ଦ୍ର ସରକାରଙ୍କର ଏହି ପଦକ୍ଷେପକୁ ସ୍ୱାଗତ ଜଣାଉଛୁ । କିନ୍ତୁ ଏମ୍ଏସ୍ପି ଧାର୍ଯ୍ୟପାଇଁ ଉତ୍ପାଦନ ଖର୍ଚ୍ଚର ବାସ୍ତବିକ ନିର୍ଦ୍ଧାରଣ ପ୍ରକ୍ରିୟା ଆମର ଦାବୀ । ପୁନଶ୍ଚ, ବିଭିନ୍ନ ଫସଲର ଏମ୍ଏସ୍ପି ନିର୍ଦ୍ଧାରଣ ନିମିତ୍ତ ଏକ ବିଶ୍ୱାସନୀୟ ପ୍ରକ୍ରିୟା ଅବଲମ୍ବନ କରିବାପାଇଁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଅନୁରୋଧ କରୁଛୁ ।

10. ମୁଁ ବର୍ତ୍ତମାନ ଆମ ରାଜ୍ୟର ପରିଶ୍ରମୀ କୃଷକ ବନ୍ଧୁମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ଦ୍ୱାରା ସଂପୂର୍ଣ୍ଣ କୃଷିଚକ୍ର ଅନୁଯାୟୀ ଯୋଗାଇ ଦିଆ ଯାଉଥିବା ସେବାଗୁଡିକ ବିଷୟରେ ଉପସ୍ଥାପନା କରୁଅଛି ।

**ମୃତ୍ତିକା ସଂରକ୍ଷଣ**

11. ମୃତ୍ତିକା ସଂରକ୍ଷଣ ସଂଗଠନ ଦ୍ୱାରା ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମର ସଫଳ ରୂପାୟନପାଇଁ ବ୍ୟୟ ବରାଦକୁ **602 କୋଟି ଟଙ୍କାକୁ** ବୃଦ୍ଧି

କରାଯାଇଅଛି । ମୃତ୍ତିକା ସଂରକ୍ଷଣର ଦକ୍ଷ ପରିଚାଳନାପାଇଁ ଆମ ସରକାର 30ଟି ସ୍ଥାୟୀ ଓ 17 ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ସ୍ଥାପନ କରିଛନ୍ତି । ଏହି ପରୀକ୍ଷାଗାର ଗୁଡିକଦ୍ୱାରା ପ୍ରତିବର୍ଷ 23 ଲକ୍ଷ ମୃତ୍ତିକା ନମୁନା ସଂଗୃହୀତହେବ ଓ ପରୀକ୍ଷା କରାଯିବ ଏବଂ ସନ୍ତୁଳିତ ସାର ବ୍ୟବହାର ପାଇଁ **ମୃତ୍ତିକା ସ୍ୱାସ୍ଥ୍ୟପତ୍ର (Soil Health Card)** ପ୍ରଦାନ କରାଯିବ । ଅବକ୍ଷୟପ୍ରାପ୍ତ ପ୍ରାକୃତିକ ଓ ଗଚ୍ଛିତ ସମ୍ବଳର ପୁନଃରୁଦ୍ଧାର ନିମନ୍ତେ ଉଦ୍ଦିଷ୍ଟ PMKSY - ଜଳଛାୟା ଉନ୍ନୟନ ପ୍ରକଳ୍ପପାଇଁ **155 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି । "**ପରମ୍ପରାଗତ କୃଷି ବିକାଶ ଯୋଜନା**" ମାଧ୍ୟମରେ 10 ହଜାର ହେକ୍ଟର ପରିମାଣ ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବାପାଇଁ 2018-19 ଆର୍ଥିକ ବର୍ଷରେ **30 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

### ନିବେଶ (Input), କ୍ଷେତ ଯାନ୍ତ୍ରୀକରଣ ଓ ସଂପ୍ରସାରଣ

**12.** ଉନ୍ନତମାନର ବିହନ ଯୋଗାଣପାଇଁ ଗଠିତ ହୋଇଥିବା ପାଣ୍ଠିକୁ ଚାଲୁ ରଖିବାପାଇଁ **100 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ଓଡିଶା ବିହନ ନିଗମ, ଓଡିଶା କୃଷି ଶିଳ୍ପ ନିଗମ ଏବଂ ଓଡିଶା କାଜୁ ଉନ୍ନୟନ ନିଗମ ପାଖରେ ଉନ୍ନତମାନର ବିହନ ମହଜୁଦ ରଖି ସଠିକ୍ ସମୟରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇପାରିବ । "**ବିହନ ପ୍ରତିସ୍ଥାପନ ହାର**" (**Seed Replacement Rate**) ଏବଂ ବୈଷୟିକ ସହାୟତା ଅଧିକ କୃଷି ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧିପାଇଁ ପ୍ରମୁଖ ଭୂମିକା ଗ୍ରହଣ

କରିଥାଏ । ଧାନ ପାଇଁ ଏହା ବୃଦ୍ଧି ପାଇ 35 ପ୍ରତିଶତର ଆଦର୍ଶ ସ୍ତରରେ ପହଞ୍ଚିପାରିଛି । ଚାଷ ସମୟରେ ଚାଷୀଙ୍କୁ ସାର ଯୋଗାଇଦେବା ଉଦ୍ଦେଶ୍ୟରେ 100 କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି (Revolving Fund) ସୃଷ୍ଟି କରାଯାଇଅଛି ଏବଂ ଚଳିତ ବର୍ଷ ମଧ୍ୟ ଏହାକୁ ଚାଲୁ ରଖାଯିବ । ଏହି ପାଣ୍ଠି ରାଜ୍ୟ ସମବାୟ ବିପଣନ ମହାସଂଘ ଏବଂ ଓଡ଼ିଶା କୃଷିଶିଳ୍ପ ନିଗମ ପାଖରେ  ରହିବ । ସାରର ବ୍ୟବହାର ଯାହାକି 2016-17 ମସିହାରେ ହେକ୍ଟର ପିଛା 57 କେଜି ଥିଲା ତାହା ବୃଦ୍ଧିପାଇ 2017-18 ବର୍ଷରେ ହେକ୍ଟର ପିଛା 67 କେଜିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ରାଜ୍ୟରେ ଥିବା 2708 ଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମଧ୍ୟରୁ ଅଧିକାଂଶ ସମିତି ସାର ଓ ପ୍ରମାଣିକୃତ ବିହନକୁ ପ୍ରାକ୍-ଗଚ୍ଛିତକରି କୃଷକମାନଙ୍କୁ ବିତରଣ କରୁଛନ୍ତି ।

**13.** ଆଧୁନିକ ଯନ୍ତ୍ରପାତିର ପ୍ରୟୋଗ ଯଥା Precision Seeder, ଧାଡିରୁଆ ପଦ୍ଧତି ପାଇଁ ପ୍ଲାଣ୍ଟର, ଛଣରୁ ସିଧାସଳଖ ଧାନ ଆମଦାନୀ, ବିନା ଲଙ୍ଗଳରେ ଭୂମି କର୍ଷଣ ଇତ୍ୟାଦି କୃଷି ପଦ୍ଧତି ଦ୍ୱାରା ଉଭୟ ଉତ୍ପାଦକତା ବୃଦ୍ଧିସହ ଚାଷର ମାନ ଉନ୍ନତ ହେବ । ଏହାଦ୍ୱାରା କୃଷିକାର୍ଯ୍ୟପ୍ରତି ଯୁବକମାନେ ଆକୃଷ୍ଟ ହେବେ । କୃଷିର ଆଧୁନୀକରଣ ପାଇଁ ରାଜ୍ୟ ସରକାରଙ୍କର **"କ୍ଷେତ ଯାନ୍ତ୍ରୀକରଣ ଯୋଜନା"**(Farm Mechanisation) ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଯୋଜନା ପାଇଁ ବଜେଟରେ **450 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏକ ଦୃଢ କୃଷି ସଂପ୍ରସାରଣ

ବ୍ୟବସ୍ଥା ଦ୍ୱାରା ପୌଷ୍ଟିକ ଶସ୍ୟ ଉତ୍ପାଦନ ଭିତ୍ତିକ  ଚାଷ ନିମନ୍ତେ କୃଷକମାନଙ୍କୁ ବୈଷୟିକ ଜ୍ଞାନଯୁକ୍ତ କୃଷି ସମ୍ବନ୍ଧିତ କୌଶଳ ପ୍ରଦାନ କରାଯାଇପାରିବ । ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଦେଶର ଏକ ଅଗ୍ରଣୀ କୃଷି ବିଶ୍ୱ ବିଦ୍ୟାଳୟ ଅଟେ । ଏହା ଏ ପର୍ଯ୍ୟନ୍ତ 152 ଟି ଅଧିକ ଅମଳକ୍ଷମ ଶସ୍ୟର କିସମ ଉଦ୍ଭାବନ କରିବାସହ ଅନେକ କୃଷି ସମ୍ବନ୍ଧୀୟ ଜ୍ଞାନକୌଶଳ ବିକାଶ କରିଛି । ଏହା କୃଷି ବିଜ୍ଞାନ କେନ୍ଦ୍ର (KVKS) ମାଧ୍ୟମରେ କୃଷି ସମ୍ପ୍ରସାରଣ ଓ ପ୍ରଦର୍ଶନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଛି । ଏହି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଏବଂ ମାନବ ସମ୍ବଳ କ୍ଷମତାକୁ ସଶକ୍ତ  କରାଯିବ । **"ଜାତୀୟ କୃଷି ସମ୍ପ୍ରସାରଣ ଓ ବୈଷୟିକ ମିଶନ"** (**National Mission on Agriculture Extension & Technology**)ରେ **350 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । **କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ** (**IMAGE**) ଏବଂ **କୃଷି ବୈଷୟିକ ପରିଚାଳନା ସଂସ୍ଥା** (**ATMA**) ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରାଯିବ । ଉଦ୍ୟାନ କୃଷି, ଫୁଲ ଚାଷ ଏବଂ ମସଲା ଚାଷର ଉନ୍ନତି ନିମନ୍ତେ **ଜାତୀୟ ଉଦ୍ୟାନ କୃଷି ମିଶନ** ପାଇଁ **104 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**14.** କୃଷକ ମାନଙ୍କୁ ଯୋଗାଇ ଦିଆଯାଉଥିବା Input Subsidy ର ବାଟମାରଣାକୁ ରୋକିବା ପାଇଁ ସିଧାସଳଖ ଅର୍ଥ ହସ୍ତାନ୍ତର (DBT Scheme) ବ୍ୟବସ୍ଥା କରାଯାଇଛି । ଏହା ବିହନ କ୍ରୟ, କ୍ଷେତ ଯାନ୍ତ୍ରୀକରଣ,

ଜଳ ନିଧି ଯୋଜନା ଏବଂ ଅନ୍ୟ ଆବଶ୍ୟକୀୟ Input Subsidy ପାଇଁ କାର୍ଯ୍ୟକାରୀ ହେଉଛି ଏବଂ ଏଥିପାଇଁ ପ୍ରାୟ 18 ଲକ୍ଷ କୃଷକ ପଞ୍ଜିକୃତ ହୋଇଛନ୍ତି । କୃଷକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପ୍ରଣୟନ କରିବାରେ ସମଗ୍ର ଦେଶରେ ଓଡିଶା ପ୍ରଥମ ରାଜ୍ୟ ଅଟେ । କୃଷିଭିତ୍ତିକ ଯୋଜନା ପାଇଁ ସିଧାସଳଖ ଅର୍ଥ ହସ୍ତାନ୍ତର ପରିସରକୁ ଅଧିକ ବ୍ୟାପକ କରାଯାଉଛି ।

**ଜଳସେଚନ**

**ମାନନୀୟ ବାଚସ୍ପତି ମହୋଦୟ!**

**15.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଜଳସେଚନକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ବିଗତ 4 ବର୍ଷ ମଧ୍ୟରେ ପ୍ରାୟ 6 ଲକ୍ଷ 50 ହଜାର ହେକ୍ଟର ଜମି ନିମନ୍ତେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଆହୁରି 4 ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକଳ୍ପ ନିର୍ମାଣଧୀନ ଅଛି ।

**16.** ଆମ ସରକାର ସମସ୍ତ ନିର୍ମାଣଧୀନ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ଓ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରୁଥିବା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ଅଗ୍ରାଧିକାର ଦେଉଛନ୍ତି । 2018-19 ଆର୍ଥିକ ବର୍ଷରେ 8 ଗୋଟି **ତ୍ୱରିତ ଜଳସେଚନ ସୁବିଧା ଯୋଜନା (Accelerated Irrigation Benefit Programme)** ଅନ୍ତର୍ଗତ 8 ଗୋଟି ଜଳସେଚନ ପ୍ରକଳ୍ପ ନିମନ୍ତେ

**2629 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏହା NABARD ଅଧୀନରେ ଦୀର୍ଘ ମିଆଦୀ ଜଳସେଚନ ପାଣ୍ଠି (Long Term Irrigation Fund) ସହ ଅନୁବନ୍ଧିତ ।

**17.** ଆମ ସରକାର ଜଳସେଚନ ଉନ୍ନୟନକୁ ତ୍ୱରାନିତ କରିବା ନିମନ୍ତେ ଅଙ୍ଗୀକାରବଦ୍ଧ । **ଗଙ୍ଗାଧର ମେହେର କେନାଲ ଉଠା ଜଳସେଚନ ଯୋଜନା** ନିମନ୍ତେ **1247 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ଓ ଚାଲୁରହିଥିବା ସେଚ ପ୍ରକଳ୍ପ ଗୁଡ଼ିକର ଆଧୁନିକୀକରଣ ନିମନ୍ତେ **ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା** ମାଧ୍ୟମରେ **635 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**18. ପାର୍ବତୀଗିରି ବୃହତ ଉଠା ଜଳ ସେଚନ ପ୍ରକଳ୍ପ** ପାଇଁ 2018-19 ଆର୍ଥିକ ବର୍ଷରେ **1802 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ଯୋଜନା ଅଧିନରେ 170 ଗୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇ ଅତିରିକ୍ତ 2 ଲକ୍ଷ 33 ହଜାର ହେକ୍ଟର ଜମି ପାଇଁ ଜଳସେଚନ ଉପଲବ୍ଧ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ତନ୍ମଧ୍ୟରୁ 26 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଚଳିତ ବର୍ଷ ଏହି ଯୋଜନା ଅଧିନରେ ଆଉ 80 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ଅତିରିକ୍ତ 1 ଲକ୍ଷ ହେକ୍ଟର ଜମି ପାଇଁ ଜଳସେଚନ ସୁବିଧା ଉପଲବ୍ଧ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

**19.** ଭୂତଳ ଜଳକୁ ଘରୋଇ ପ୍ରୟୋଜନ ଓ ଆନୁଷଙ୍ଗିକ ଜଳସେଚନ ନିମନ୍ତେ ଆମ ସରକାର ଆଡ଼ିବନ୍ଧ ଯୋଜନାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଅଦ୍ୟାବଧି 12375 ଆଡ଼ିବନ୍ଧ ନିର୍ମାଣ କରାଯାଇଛି । **ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା** – MATY ଅଧିନରେ 2018-19 ବର୍ଷରେ **344 କୋଟି ଟଙ୍କା** ବ୍ୟୟ କରାଯାଇ **2 ହଜାର ଆଡ଼ିବନ୍ଧ** ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖାଯାଇଛି ।

**20.** ମାନ୍ୟବର ସଦସ୍ୟ ମାନେ ଅଚଳ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର ପୁନଃରୁଦ୍ଧାର ନିମନ୍ତେ ଗୃହରେ ବିଭିନ୍ନ ସମୟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁଁ ଏ ଗୃହକୁ ଜଣାଇ ଦେବାକୁ ଚାହେଁ ଯେ ଅଦ୍ୟାବଧି 4046 ଅଚଳ ଜଳସେଚନ ପ୍ରକଳ୍ପକୁ ପୁନଃରୁଦ୍ଧାର କରାଯାଇ ସାରିଛି ।  ଚଳିତ ବର୍ଷ **120 କୋଟି ଟଙ୍କା** ବ୍ୟୟ କରାଯାଇ ଆଉ **690** ଗୋଟି ଅଚଳ ଉଠା ଜଳସେଚନ  ପ୍ରକଳ୍ପକୁ ପୁନରୁଦ୍ଧାର କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

**21.** 2018-19 ଆର୍ଥିକ ବର୍ଷରେ ଜଳନିଧି ଯୋଜନା ନିମନ୍ତେ RIDF ସହାୟତାରେ **178 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । **ଗଭୀର ନଳକୂପ ଖନନ** ନିମନ୍ତେ  କୃଷକ ମାନଙ୍କର ଅତ୍ୟଧିକ ଦାବୀକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ଏଥି ନିମନ୍ତେ **540 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।  **ବିଜୁ କୃଷକ ବିକାଶ ଅନ୍ତର୍ଗତ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ** ନିର୍ମାଣ ନିମନ୍ତେ **290 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**ପ୍ରଧାନମନ୍ତ୍ରୀ କୃଷି ଜଳ ସିଚାଇ ଯୋଜନା** ଅଧୀନରେ  କୃଷି ବିଭାଗ ମାଧ୍ୟମରେ **ଅଣୁ ଜଳସେଚନ** ନିମନ୍ତେ **250 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏଥିରେ  ରାଜ୍ୟ ଅଂଶ 40 ପ୍ରତିଶତ ଅଟେ ।

**22.** ଜଳ ବ୍ୟବହାରର ସୁବିନିଯୋଗରେ ସୁଧାର ଆଣିବା ପାଇଁ ଏବଂ କୃଷି କ୍ଷେତ୍ରର ଶେଷ ଭାଗ ପର୍ଯ୍ୟନ୍ତ ଜଳସେଚନ ନିମନ୍ତେ ନାଳୀ (Field Channel) ଓ ପାଇପ୍ ମାଧ୍ୟମରେ ଜଳ ବିନିଯୋଗର ଉଦ୍ଦେଶ୍ୟ ରଖି ସେଚାଞ୍ଚଳ ଉନ୍ନୟନ ଯୋଜନା (Command Area Development Programme) ନିମନ୍ତେ **200 କୋଟି ଟଙ୍କା** ଯୋଗାଇ ଦେବାର ପ୍ରସ୍ତାବ ରଖାଯାଇଛି । **ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ** (**CADA**) ଅନ୍ତର୍ଗତ ଏହି ଯୋଜନା ମାଧ୍ୟମରେ **ନାଳୀ (Field Channel)** ଓ **Field Drains** କାର୍ଯ୍ୟ ସମ୍ପନ୍ନ କରାଯାଇ ପାରିବ । ଜଳ ସଞ୍ଚାଳନ କ୍ଷତିକୁ କମାଇବା ପାଇଁ **Canal Lining System Rehabilitation Programme (CLSRP)** ପ୍ରଚଳନ କରାଯାଇଛି  ଓ ଏହି ବର୍ଷ 150 କି.ମି. କେନାଲ ଆସ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ **130 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**23.** **ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ** ପାଇଁ  **1 ହଜାର କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ବିଶ୍ୱ ବ୍ୟାଙ୍କ ସହାୟତାରେ **Dam Rehabilitation and Improvement Programme**

**(DRIP)** କାର୍ଯ୍ୟକାରୀ ହେଉଅଛି । ସୁରକ୍ଷା ବୃଦ୍ଧି ନିମନ୍ତେ ହୀରାକୁଦ ଡ୍ୟାମ୍ ର ଅତିରିକ୍ତ **Spillway** ନିର୍ମାଣ କରିବାର ପ୍ରସ୍ତାବ ରହିଛି ।

24. ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ **"Green Climate Fund (GCF)"** ଅନ୍ତର୍ଗତ ଗୋଷ୍ଠୀ ପୋଖରି ମାଧ୍ୟମରେ ଭୂତଳ ଜଳ ପୁନଃସଂରକ୍ଷଣ ନାମରେ ଏକ ପରିଯୋଜନା ହାତକୁ ନେଇଛନ୍ତି । ଆସନ୍ତା 5 ବର୍ଷ ମଧ୍ୟରେ ଏହି ବାବଦକୁ ଓଡ଼ିଶା 35 Million US Dollar ଅନୁଦାନ ଭାବେ ପ୍ରାପ୍ତ କରିବ । ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆହ୍ୱାନର ସମ୍ମୁଖିନ ହେବା ପାଇଁ ବିଶ୍ୱ ବ୍ୟାଙ୍କ ସହାୟତାରେ **"Odisha Integrated Irrigation Project for Climate Resilient Agriculture"** ନାମକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ଏହି ଯୋଜନା ଅନ୍ତର୍ଗତ 8 ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ 638 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ ଓ ପୁନରୁଦ୍ଧାର କରାଯିବ ।

**ଋଣ**

**ମାନନୀୟ ବାଚସ୍ପତି ମହୋଦୟ!**

25. ସମୟାନୁବର୍ତ୍ତି ଓ ସହଜଲଭ୍ୟ ଋଣ ଆଧୁନିକ କୃଷିର ଏକ ଅତ୍ୟାବଶ୍ୟକ ଉପାଦାନ ଅଟେ । ଆମର ପ୍ରତିଶ୍ରୁତି ମୁତାବକ ଚାଷୀ ମାନଙ୍କୁ **50 ହଜାର ଟଙ୍କା ପର୍ଯ୍ୟନ୍ତ** ଋଣ **ଶତକଡ଼ା 1 ପ୍ରତିଶତ** ରିହାତି ସୁଧରେ ଓ **50 ହଜାର ଟଙ୍କାରୁ ଉର୍ଦ୍ଧ** ରାଶିର ଋଣ **ଶତକଡ଼ା 2 ପ୍ରତିଶତ**ର ରିହାତି ସୁଧରେ ମଞ୍ଜୁର

କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏହି ଋଣ ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀ ମାନଙ୍କୁ ମିଳିପାରିବ । ଏହି ସୁଧ ରିହାତି ନିମନ୍ତେ **470 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**26.** ସମବାୟ ସଂସ୍ଥା ଗୁଡ଼ିକ ସମଗ୍ର ଦେଶରେ କୃଷି ଋଣର ମାତ୍ର ଶତକଡ଼ା 17 ଭାଗର ବ୍ୟୟ ବହନ କରୁଥିବା ବେଳେ ଆମ ରାଜ୍ୟରେ ଶତକଡ଼ା 65 ଭାଗ କୃଷି ଋଣ ସମବାୟ ସଂସ୍ଥା ଗୁଡ଼ିକ ମାଧ୍ୟମରେ ଚାଷୀ ମାନଙ୍କୁ ଉପଲବ୍ଧ ହୋଇଥାଏ । ରିଜର୍ଭ ବ୍ୟାଙ୍କ ନିୟମାବଳୀ ଅନୁଯାୟୀ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ 17ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୁଡ଼ିକ ସେମାନଙ୍କର **Capital to Risk Weighted Assets Ratio (CRAR)** ଶତକଡ଼ା ନଅ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଆବଶ୍ୟକ । ଏହି ନିୟମର ଅନୁପାଳନ ନିମନ୍ତେ ମୁଁ ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ନିମନ୍ତେ **35 କୋଟି ଟଙ୍କା** ଓ ଅତିରିକ୍ତ **7 କୋଟି ଟଙ୍କା** ଦୁର୍ବଳ ପ୍ରାଥମିକ କୃଷି ସମବାୟ ସମିତି ନିମନ୍ତେ ବ୍ୟୟ ବରାଦର ପ୍ରସ୍ତାବ ରଖୁଅଛି ।

**27.** 2017 ମସିହା ଡ଼ିସେମ୍ବର ଶେଷ ସୁଦ୍ଧା ସମବାୟ ବ୍ୟାଙ୍କ ଗୁଡ଼ିକ ପ୍ରାଥମିକ କୃଷି ସମବାୟ ସମିତି (**PACS**) ଗୁଡ଼ିକ ମାଧ୍ୟମରେ ପ୍ରାୟ 46 ଲକ୍ଷ କିଷାନ କ୍ରେଡ଼ିଟ କାର୍ଡ ପ୍ରଦାନ କରିଅଛନ୍ତି । ରାଜ୍ୟ ସରକାର ସମସ୍ତ କିଷାନ କ୍ରେଡ଼ିଟ କାର୍ଡ କୁ **Ru-Pay** କିଷାନ କାର୍ଡରେ ପରିବର୍ତ୍ତନ କରିବା ନିମନ୍ତେ ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଚାଷୀ ମାନଙ୍କୁ ମଞ୍ଜୁର ଋଣ

ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତିରେ ଉପଲବ୍ଧ **ATM** ଓ **PoS Network** ମାଧ୍ୟମରେ ଉପଲବ୍ଧ  ହୋଇପାରିବ । ରାଜ୍ୟ ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ବିନା ଜମାନତରେ (without collateral security) ଓ ସୁବିଧାରେ ଋଣ ପ୍ରାପ୍ତି ନିମନ୍ତେ **NABARD** ର ସହବନ୍ଧିତାରେ 50 ହଜାର **Joint Liability Groups** ମାଧ୍ୟମରେ ରାଜ୍ୟର ଭୂମିହୀନ/ନାମମାତ୍ର ଚାଷୀ/ଭାଗ ଚାଷୀ/ ଲିଜ୍ ଓ ଭଡା ସୂତ୍ରରେ ଜମି ନେଇଥିବା ଚାଷୀ  ଓ ଗ୍ରାମୀଣ ମହିଳାଙ୍କର ସଶକ୍ତିକରଣ ନିମନ୍ତେ ପ୍ରସ୍ତାବ ରଖାଯାଇଛି ।

**28.** ଚାଷୀମାନଙ୍କର ସର୍ବବିଧ ଆବଶ୍ୟକତା, ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି ପାଇଁ  ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକୁ  **ONE STOP SHOP** ରେ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥିପାଇଁ 2708 ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର କମ୍ପ୍ୟୁଟରୀକରଣ କରାଯାଉଅଛି ।

**ବିପତ୍ତି ପ୍ରଶମନ**

**29.** ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୃଷକମାନଙ୍କର ଶସ୍ୟହାନି ହେଉଛି । ଚାଷୀମାନଙ୍କୁ ଫସଲ ହାନି ଜନିତ କ୍ଷତିରୁ ରକ୍ଷା କରିବାପାଇଁ ଶସ୍ୟବୀମା ଏକ ମାଧ୍ୟମ ଅଟେ । 2018-19  ଆର୍ଥିକ ବର୍ଷରେ ରାଜ୍ୟର 25 ଲକ୍ଷ ଚାଷୀ ଫସଲ ବୀମାଭୁକ୍ତ ହେବେ । ଏହି ବୀମା ପ୍ରିମିୟମ ର ରାଜ୍ୟ ସରକାରଙ୍କ ଅଂଶ ବାବଦରେ **400 କୋଟି ଟଙ୍କାର** ବ୍ୟୟବରାଦ

କରାଯାଇଛି, ଯାହା ଗତ ବର୍ଷ ତୁଳନାରେ ଶତକଡ଼ା 50 ପ୍ରତିଶତ ବୃଦ୍ଧି ପାଇଛି । ଏହି ବୀମା ଯୋଜନାକୁ ବିନା ଋଣରେ କୃଷି କାର୍ଯ୍ୟ କରୁଥିବା କୃଷକ ମାନଙ୍କ ମଧ୍ୟରେ ଲୋକପ୍ରିୟ ଓ ସଚେତନ କରାଇବା ନିମନ୍ତେ ବ୍ୟବସ୍ଥା କରାଯାଉଅଛି ।

**ଅମଳ ଓ ପରବର୍ତ୍ତୀ ପରିଚାଳନା**

**30.** 2009-10 ମସିହା ଖରିଫ୍ ଠାରୁ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ଏଜେଣ୍ଟ ଭାବରେ P-PAS ମାଧ୍ୟମରେ ଧାନ ସଂଗ୍ରହ କରୁଛନ୍ତି । ଏହା ଏକ ଅନ୍‌ଲାଇନ୍ ସ୍ୱଚ୍ଛ, ତ୍ୱରିତ୍, ବହୁ ପ୍ରଶଂସିତ ଧାନ ସଂଗ୍ରହ ପ୍ରଣାଳୀ ଅଟେ । 2016-17 ଖରିଫ୍ ବିପଣନ ଋତୁରେ 2522 ପ୍ରାଥମିକ କୃଷି ସମବାୟ ସମିତି ୫ ଲକ୍ଷ 48 ହଜାର ଚାଷୀଙ୍କ ଠାରୁ 54 ଲକ୍ଷ 27 ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି । ଏହା ରାଜ୍ୟର ସାମଗ୍ରିକ ଧାନ ସଂଗ୍ରହ ଲକ୍ଷ୍ୟର ଶତକଡ଼ା ୨୨ ଭାଗ ଅଟେ । ବର୍ତ୍ତମାନ ସୁଦ୍ଧା ସମବାୟ ବିଭାଗ ଅଧିନରେ 13 ଲକ୍ଷ ୫0 ହଜାର ମେଟ୍ରିକ ଟନ ଖାଦ୍ୟ ଶସ୍ୟ ଗଚ୍ଛିତ ରଖିବା ନିମନ୍ତେ ଶସ୍ୟାଗାର ଉପଲବ୍ଧ ଅଛି । ତନ୍ମଧ୍ୟରୁ 3 ଲକ୍ଷ 56 ହଜାର ମେଟ୍ରିକ ଟନର ଶସ୍ୟାଗାର ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକ ନିକଟରେ ଉପଲବ୍ଧ । ଏହି ଶସ୍ୟାଗାର ଗୁଡ଼ିକ ଶସ୍ୟ ସଂଗ୍ରହ ବ୍ୟତିତ ଚାଷ ନିମନ୍ତେ ନିତାନ୍ତ ଆବଶ୍ୟକ ସାର, କୀଟନାଷକ ଓ ବିହନକୁ ଆବଶ୍ୟକତା ପୂର୍ବରୁ ମହଜୁଦ ରଖିବାରେ ସମର୍ଥ ।

**31.** ପୋଷଣୀୟ ନିରାପତ୍ତା ଏବଂ ମାଣ୍ଡିଆ ଇତ୍ୟାଦି ଚାଷ କରୁଥିବା କୃଷକମାନଙ୍କୁ ସୁଲଭ ମୂଲ୍ୟ ସୁନିଶ୍ଚିତ କରିବାପାଇଁ 11ଟି ଜିଲ୍ଲାର 55 ଟି ବ୍ଲକ୍ କୁ "**ରାଜ୍ୟ ମିଲେଟ୍ ମିଶନ"** ଅଧୀନରେ ଅନ୍ତର୍ଭୁକ୍ତ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସରକାର ଆଗାମୀ ବର୍ଷ **100 କୋଟି ଟଙ୍କା** ମୂଲ୍ୟରେ ମାଣ୍ଡିଆ ଇତ୍ୟାଦି ସଂଗ୍ରହ କରିବେ ଯାହା ସରକାରୀ ଯୋଜନାରେ ବ୍ୟବହୃତ ହେବ । ଏହା ମୁଖ୍ୟତ ସ୍ୱଳ୍ପ ବୃଷ୍ଟିପାତ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାୟ 5 ଲକ୍ଷ କୃଷକଙ୍କୁ ସୁବିଧା ଯୋଗାଇବ ।

**32.** ଶସ୍ୟ ସବୁକୁ ଅମଳ ତଥା ଶୁଖାଇବା ନିମନ୍ତେ କଂକ୍ରିଟ୍ ପ୍ଲାଟଫର୍ମ ବର୍ତ୍ତମାନ ବେଶ୍ ଲୋକପ୍ରିୟ ହୋଇଛି । କେ.ବି.କେ. ଅଞ୍ଚଳରେ ଅଣଧାନ ଶସ୍ୟ ସଂରକ୍ଷଣ ପାଇଁ ଗୋଦାମ ଘର ନିର୍ମାଣ ନିମନ୍ତେ ଘରୋଇ ଉଦ୍ୟୋଗପତିଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଶସ୍ୟ ପରୀକ୍ଷା ଓ ବର୍ଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯାଉଛି । ଇ-ପ୍ଲାଟ୍‌ଫର୍ମ ଜରିଆରେ 10 ଟି ଚିହ୍ନିତ ନିୟନ୍ତ୍ରିତ ବଜାର କମିଟି, ଜାତୀୟ କୃଷି ବିପଣନ (**National Agriculture Market**) ସହ ସଂଯୋଗ କରାଯାଇଛି । ଜାତୀୟ କୃଷି ବିପଣନ ବ୍ୟବସ୍ଥା ମାଧ୍ୟମରେ ଏହିଭଳି ଅଧିକ ବଜାର ସୃଷ୍ଟି କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି । କୋରାପୁଟ, ବାରିପଦା ଓ ବାଙ୍କୀଠାରେ 3 ଗୋଟି ହୋଲ୍‌ସେଲ୍ (**Wholesale**) ବଜାର, ନିୟନ୍ତ୍ରିତ ବଜାର କମିଟି ଜରିଆରେ ଅତିଶୀଘ୍ର କାର୍ଯ୍ୟକ୍ଷମ କରାଯିବ । ସେହିଭଳି 2 ଗୋଟି ଆଧୁନିକ ହୋଲ୍

ସେଲ୍ ବଜାର ଭୁବନେଶ୍ୱର ଓ ରାଉରକେଲା ଠାରେ ପ୍ରତିଷ୍ଠା କରାଯିବା ନିମନ୍ତେ ପଦକ୍ଷେପ ନିଆଯାଉଛି ।

**ଆନୁସଙ୍ଗିକ କାର୍ଯ୍ୟକ୍ରମ**

**ମତ୍ସ୍ୟ**

**33.** ମତ୍ସ୍ୟଚାଷ ଦ୍ୱାରା ଆମ ରାଜ୍ୟରେ ଆୟ, ନିଯୁକ୍ତି ଓ ପୋଷଣୀୟ ନିରାପତ୍ତା ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଞ୍ଚ ବର୍ଷ ଭିତରେ ଆଭ୍ୟନ୍ତରୀଣ, ଖାର ଜଳ ଓ ସାମୁଦ୍ରିକ ଉତ୍ସରୁ ମତ୍ସ୍ୟ ଉତ୍ପାଦନକୁ ଦ୍ୱିଗୁଣିତ କରିବାକୁ ଏବଂ ଚାହିଦା ଓ ଯୋଗାଣ ଭିତରେ ଦୂରତ୍ୱ ହ୍ରାସ କରିବାକୁ ଓଡିଶା ମତ୍ସ୍ୟନୀତି 2015 ପ୍ରଣୟନ କରାଯାଇଛି । ରାଜ୍ୟର ସବୁ ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଜିଲ୍ଲାୱାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଖାର ଜଳରେ ଚିଙ୍ଗୁଡି ଉତ୍ପାଦନ ବୃଦ୍ଧି ନିମନ୍ତେ 32ଟି କ୍ଲଷ୍ଟର (Cluster) ଚିହ୍ନଟ କରାଯାଇଛି ।

**34.** ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବାକୁ ଖାର ଜଳ ମାଛଚାଷ, ସାମୁଦ୍ରିକ ସଘନ ମାଛ ଚାଷ ଏବଂ ଆଭ୍ୟନ୍ତରୀଣ ମାଛ ଚାଷର ଉନ୍ନୟନ ନିମନ୍ତେ **73 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ମଧୁରଜଳରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ କରିବାକୁ ଜଳାଶୟ ସୃଷ୍ଟି କରିବା ନିମନ୍ତେ ହେକ୍ଟର ପିଛା 8 ଲକ୍ଷ 50 ହଜାର ଟଙ୍କା ବ୍ୟୟରେ ନିର୍ମିତ ଜଳାଶୟ ନିମନ୍ତେ 50 ପ୍ରତିଶତ ପ୍ରୋତ୍ସାହନ ଏବଂ ଜାଁଆଳ ଉତ୍ପାଦନ ବୃଦ୍ଧି ପାଇଁ ହେକ୍ଟର ପିଛା

2 ଲକ୍ଷ 50 ହଜାର ଟଙ୍କା ବ୍ୟୟରେ ନିର୍ମିତ ଜଳାଶୟ ନିମନ୍ତେ 50 ପ୍ରତିଶତ ପ୍ରୋତ୍ସାହନ ଦେବାକୁ 2017-18ରେ ଏକ ରାଜ୍ୟ ସ୍ତରୀୟ "**ମତ୍ସ୍ୟ ପୋଖରୀ ଯୋଜନା**" ପ୍ରବର୍ତ୍ତନ କରାଯାଇଛି । ବୃହତ ଜଳ ଭଣ୍ଡାରରେ ମତ୍ସ୍ୟ ଚାଷ ଉନ୍ନୟନ ପାଇଁ **2 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । "**ମତ୍ସ୍ୟ ଚାଷୀଙ୍କର ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଓ କ୍ଷମତା ବୃଦ୍ଧି**" ନିମନ୍ତେ **70 ଲକ୍ଷ ଟଙ୍କା** ବ୍ୟୟବରାଦ କରାଯାଇଛି । ମାଛ ସମବାୟ କେନ୍ଦ୍ର ଭ୍ରାମ୍ୟମାଣ ମାଛ ବିକ୍ରି (**Fish-On-Wheel**) ଏବଂ ଶୁଖୁଆ ବଜାରର ଉନ୍ନୟନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଓଡିଶାରୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ବୃଦ୍ଧି ନିମନ୍ତେ ORSAC କୁ GIS ପର୍ଯ୍ୟବେସିତ ଉପକୂଳବର୍ତ୍ତୀ ଅଞ୍ଚଳର ନକ୍ସା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଫଳରେ **Coastal Aquaculture Authority Act** ଅନୁଯାୟୀ ଖାର ଜଳ ଅଞ୍ଚଳର ସମ୍ପ୍ରସାରଣ ପାଇଁ ପଦକ୍ଷେପ ନିଆଯାଇପାରିବ । .

**35.** ସାମୁଦ୍ରିକ ମତ୍ସ୍ୟଜିବୀଙ୍କ ପାଇଁ ଡଙ୍ଗା ଓ ଜାଲ ନିମନ୍ତେ 25 ପ୍ରତିଶତ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି । **NABARD**ର ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ବିକାଶ ପାଣ୍ଠିରୁ ସହାୟତା ଆଣି ଏବଂ ଆମ ନିଜସ୍ୱ ସମ୍ବଳରୁ ଜଳାଶୟ, ମାଛଧରା ବନ୍ଦର, ମାଛଧରା କେନ୍ଦ୍ର, ଚିଙ୍ଗୁଡି କ୍ଲଷ୍ଟର ସବୁକୁ କଂକ୍ରିଟ ରାସ୍ତା ସମେତ ମତ୍ସ୍ୟ କ୍ଷେତ୍ରର ଭିତ୍ତିଭୂମି ଉନ୍ନୟନ ପାଇଁ **20 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହା ବ୍ୟତୀତ ନଦୀ ମୁହାଣ ଖନନ, ମତ୍ସ୍ୟ

ବନ୍ଦରରେ ବିଶ୍ରାମ ସ୍ଥାନ, ମାଛ ଧରା କେନ୍ଦ୍ର ଏବଂ ରାଜ୍ୟରେ ଜେଟି ନିର୍ମାଣ ପାଇଁ **3 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରହିଛି ।

**36.** "**World Fish**" ସଂସ୍ଥାର ସହଯୋଗରେ **Carp-Mola Poly Culture** ଏବଂ **GIFT Tilapia** ପ୍ରଦର୍ଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବୈଷୟିକ ବିଦ୍ୟା ହାସଲ ନିମନ୍ତେ ପଦକ୍ଷେପ ନିଆଯାଇଅଛି । ଗୁଣାତ୍ମକ ମତ୍ସ୍ୟ ଉତ୍ପାଦନ ତଥା ବିପଣନ କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶକୁ ଉତ୍ସାହିତ କରିବା ନିମନ୍ତେ **Make in Odisha** ସମାବେଶରେ **1 ହଜାର 940 କୋଟି ଟଙ୍କା**ର ନିବେଶ ପାଇଁ 14 ଗୋଟି କମ୍ପାନୀ ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ମତ୍ସ୍ୟ ଚାଷୀ ଓ ମତ୍ସ୍ୟ ଅଧିକାରୀଙ୍କର ଜ୍ଞାନବୃଦ୍ଧି ଏବଂ ପ୍ରଯୁକ୍ତି ବିଦ୍ୟା ଆହରଣ ନିମନ୍ତେ **5 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**37. ନୀଳ ବିପ୍ଳବ** (Blue Revolution) ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମତ୍ସ୍ୟ ବିହନ ଉତ୍ପାଦନ କେନ୍ଦ୍ର, ଜଳ ଭଣ୍ଡାର ଗୁଡ଼ିକର ସମନ୍ୱିତ ଉନ୍ନୟନ, ଜଳାଶୟ ନବୀକରଣ ଏବଂ ମତ୍ସ୍ୟଜୀବିଙ୍କ ଦକ୍ଷତା ବିକାଶ ନିମନ୍ତେ **51 କୋଟି ଟଙ୍କା**ର ବ୍ୟବସ୍ଥା କରାଯାଇଛି । ଏଥିରେ ବଳରାମଗଡିଠାରେ ମତ୍ସ୍ୟ ବନ୍ଦରର ଉନ୍ନୟନ ନିମନ୍ତେ **20 କୋଟି ଟଙ୍କା**ର ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

## ପଶୁପାଳନ ଓ ଗୋପାଳନ

**38.** ଲକ୍ଷାଧିକ ଗ୍ରାମୀଣ ପରିବାର ପାଇଁ ପଶୁ ଓ ଗୋପାଳନ ମୁଖ୍ୟ ରୋଜଗାର ପନ୍ଥା ଏବଂ ଏହା ଫସଲହାନୀ ସମୟରେ ସେମାନଙ୍କୁ ସୁରକ୍ଷା ଦେଇଥାଏ । ଗ୍ରାମୀଣ ନିଯୁକ୍ତି ପ୍ରଦାନ ଏବଂ ନାରୀ ସଶକ୍ତିକରଣ ପାଇଁ ଏହି ଦୁଇଟି କ୍ଷେତ୍ରର ପ୍ରଚୁର ସମ୍ଭାବନା ରହିଛି ।

**39.** ପଶୁ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ପଶୁ ଚିକିତ୍ସା ସେବା ପ୍ରଦାନ କରିବା ସହିତ ଏହାକୁ ବ୍ୟାପକ କରିବା ନିମନ୍ତେ ରାଜ୍ୟର ସମସ୍ତ ବ୍ଲକରେ ମାସକୁ 20 ଦିନ ପାଇଁ ଭ୍ରାମ୍ୟମାଣ ପଶୁ ଚିକିତ୍ସାକୁ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ **14 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ପାଦ ଓ ମୁଖ ରୋଗ ପାଇଁ ସମସ୍ତ ଗାଈ ଓ ବଳଦଙ୍କୁ 100 ପ୍ରତିଶତ ଟୀକାଦାନର ବ୍ୟବସ୍ଥା କରାଯାଇଅଛି । ଏକ ଲକ୍ଷ ପଶୁସମ୍ପଦ ଚାଷୀଙ୍କୁ ମୋବାଇଲ୍ ଫୋନ୍ ମାଧ୍ୟମରେ ପରାମର୍ଶ ଦେବାକୁ **4 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**40.** 2017-18 ଆର୍ଥିକ ବର୍ଷରେ ଦୁଧିଆଳୀ ଗାଈମାନଙ୍କର ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଉନ୍ନତ ମାନର ଗୋଖାଦ୍ୟ ଯୋଗାଇ ଦେବାକୁ ବିଭିନ୍ନ କୃଷି ଜଳବାୟୁ ଅଞ୍ଚଳରେ ଗୋଖାଦ୍ୟ ଉତ୍ପାଦନ ଯୋଜନା ଆରମ୍ଭ କରାଯାଇଛି । 2018-19 ଆର୍ଥିକ ବର୍ଷ ପାଇଁ ଏଥିନିମନ୍ତେ **ନଅ କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**41.** ଗୋପାଳନ ଓ ପଶୁଧନ ପରିଚାଳନା ପାଇଁ ଉଦ୍ଦିଷ୍ଟ **ଶ୍ୱେତ ବିପ୍ଳବ (White Revolution)** ଯୋଜନା ପାଇଁ **88 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ଆମେ ପ୍ରସ୍ତାବ ରଖିଛୁ । ଭୁବନେଶ୍ୱର ନିକଟରେ ଉନ୍ନତ ମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ୍ତ 5 ଲକ୍ଷ **LPD** ବିଶିଷ୍ଟ ଡାଇରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ **53 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।  ଅଗଣାରେ କୁକୁଡା ପାଳନକୁ ପ୍ରୋତ୍ସାହନ ଦିଆଯିବ । ଏହାଛଡ଼ା  ଭୂମିହୀନ, ନାମମାତ୍ର ଏବଂ କ୍ଷୁଦ୍ର ଚାଷୀଙ୍କୁ ଛେଳି ଓ ମେଣ୍ଢା ପାଳନ ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ କରାଯିବ ।

**42.** NABARD ସହାୟତାରେ **7 କୋଟି ଟଙ୍କା** ବ୍ୟୟରେ ରାଜ୍ୟସ୍ତରୀୟ ରୋଗ ନିୟନ୍ତ୍ରଣ ରେଫରାଲ ପରୀକ୍ଷାଗାରର ଭିତ୍ତିଭୂମି ବିକାଶ କରାଯିବ ।

**କୃଷକ ଓ ମତ୍ସ୍ୟଜୀବି କଲ୍ୟାଣ**

**43.** ଆମର ସମ୍ମାନୀୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର କୃଷକ ମାନଙ୍କର ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ । 2018-19 ଆର୍ଥିକ ବର୍ଷରେ କୃଷକ ମାନଙ୍କ କଲ୍ୟାଣ ନିମନ୍ତେ **250 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରହିଛି ।  କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଯଥା ସମୟରେ ଏହାର ସବିସ୍ତୃତ  କାର୍ଯ୍ୟାବଳୀ ନିର୍ଣ୍ଣୟ କରିବେ ।

**44.** କୃଷକ ଏବଂ ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇଦେବାକୁ "**ବିଜୁ କୃଷକ କଲ୍ୟାଣ ଯୋଜନା**" ରୂପାୟନ କରାଯାଇଛି । ଏହାର ଉଦ୍ଦେଶ୍ୟ 100ଟି ହାସପାତାଳରେ କ୍ୟାସ୍‌ଲେସ୍ ଚିକିତ୍ସା ପ୍ରଦାନ କରି

କୃଷକ ମାନଙ୍କ ପରିବାରକୁ  ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇଦେବା । ପ୍ରାୟ 57 ଲକ୍ଷ କୃଷକ ପରିବାରଙ୍କ ସ୍ୱାସ୍ଥ୍ୟ ବୀମା କରିବା ଲକ୍ଷ୍ୟ ରଖି ଏଥି ନିମନ୍ତେ **90 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**45.** କଇଁଛ ସଂରକ୍ଷଣ ସମୟରେ ମାଛଧରା ନିଷିଦ୍ଧ କରାଯାଏ ଓ ସେଥିପାଇଁ ସାମୁଦ୍ରିକ ମତ୍ସ୍ୟଜୀବିଙ୍କର ଜୀବିକା ନିର୍ବାହ ନିମନ୍ତେ **4 କୋଟି ଟଙ୍କା** ସହାୟତା ପାଇଁ ବ୍ୟୟବରାଦର ପ୍ରସ୍ତାବ ରହିଛି । ମତ୍ସ୍ୟଜୀବି ପରିବାରର ମେଧାବୀ ଛାତ୍ରଙ୍କୁ ବୃତ୍ତି ଦେବାକୁ ଏବଂ "**ମତ୍ସ୍ୟଜୀବି ଉନ୍ନୟନ ଯୋଜନା**" ଅଧିନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସହାୟତା ପାଇଁ **7 କୋଟି ଟଙ୍କା**ର ବ୍ୟବସ୍ଥା କରାଯାଇଛି । ମତ୍ସ୍ୟଜୀବିଙ୍କୁ ମୋବାଇଲ୍ ଫୋନ୍ ମାଧ୍ୟମରେ ପରାମର୍ଶ ଦେବାର ବ୍ୟବସ୍ଥା କରାଯାଇଛି ।

**ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା**

**46.** ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY) ଏକ ମହତ୍ୱପୂର୍ଣ୍ଣ ଯୋଜନା, ଯାହା କୃଷି ଓ ଆନୁସଙ୍ଗିକ ଉନ୍ନତି ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା ପାଇଁ **750 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ଯୋଜନା ଅଧୀନରେ କୃଷି, ପଶୁପାଳନ, ମତ୍ସ୍ୟଚାଷ, ସମବାୟ ଏବଂ ଜଳସେଚନ ଆଦି କ୍ଷେତ୍ରରେ ଅନେକଗୁଡିଏ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ।

**ମାନ୍ୟବର ବାଚସ୍ପତି ମହୋଦୟ !**

**47.** 2013-14 ଆର୍ଥିକ ବର୍ଷରେ ପ୍ରଥମଥର ନିମନ୍ତେ 7 ହଜାର 162 କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଆମେ ଏକ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିଥିଲୁ । ମୁଁ ଆନନ୍ଦର ସହ ଜଣାଇବାକୁ ଚାହୁଁଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି ଅଟକଳ 2018-19 ଆର୍ଥିକ ବର୍ଷରେ **16 ହଜାର 765 କୋଟି ଟଙ୍କା**କୁ ବୃଦ୍ଧି ପାଇଛି । ଏହା 2013-14 ଆର୍ଥିକ ବର୍ଷ ତୁଳନାରେ 130 ପ୍ରତିଶତ ବୃଦ୍ଧି ଅଟେ । ପୁନଶ୍ଚ, କୃଷକମାନଙ୍କୁ ଧାନ ସଂଗ୍ରହ ବାବଦକୁ ସଠିକ ସମୟରେ ଦେୟ ପ୍ରଦାନ କରିବା ପାଇଁ ପ୍ରତିବର୍ଷ ବଜେଟ ବହିର୍ଭୁତ ସମ୍ବଳରୁ ପ୍ରାୟ **8 ହଜାର କୋଟି ଟଙ୍କା**ର ବ୍ୟବସ୍ଥା କରାଯାଉଛି ।

**48.** କୃଷି ଆମ ଅର୍ଥନୀତିର ଜୀବନରେଖା । ଏହା ସଂଖ୍ୟାଧିକ ଲୋକଙ୍କୁ ଜୀବିକା ଓ ଖାଦ୍ୟ ନିରାପତ୍ତା ପ୍ରଦାନ କରିଥାଏ । ଆମର ପ୍ରଖ୍ୟାତ କବି ଗଙ୍ଗାଧର ମେହର କୃଷି ଓ କୃଷକର ଜୟଗାନ ନିମ୍ନମତେ କରିଛନ୍ତି -

**"ବାରମାସ କ୍ଷେତେ ମୋ ଲାଗିଥାଏ କାମ,**
**ମାସେ, ପକ୍ଷେ କେବେ ହେଁ ନଥାଏ ବିଶ୍ରାମ,**
**କ୍ଷେତ ମୋର ଲକ୍ଷ୍ମୀର ବିପୁଳ ଭଣ୍ଡାର,**
**ଦେଉଅଛି ଅଶନ ବସନ ଇତ୍ୟାଦି**
**ବାରମ୍ବାର ହେ ।"**

ଏଥି ସହିତ ମୁଁ କୃଷି ବଜେଟକୁ କୃଷିର ଉନ୍ନତି ଓ କୃଷକ ସମାଜର କଲ୍ୟାଣ ଓ ସଶକ୍ତିକରଣ ନିମନ୍ତେ ଉତ୍ସର୍ଗ କରୁଛି ।

**// ବନ୍ଦେ ଉତ୍କଳ ଜନନୀ //**

**ଜୟହିନ୍ଦ୍**